**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**29 January – 2026**

# ଇକନମିକ୍ ସର୍ଭେ

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆଜି ସଂସଦରେ ଚଳିତ ୨୦୨୫-୨୬ ଆର୍ଥିକବର୍ଷର ଅର୍ଥନୈତିକ ସର୍ଭେ ରିପୋର୍ଟ ଉପସ୍ଥାପନ କରିବେ । ଦେଶର ବର୍ତ୍ତମାନର ଅର୍ଥ ବ୍ୟବସ୍ଥା ଏବଂ ଭବିଷ୍ୟତ କାର୍ଯ୍ୟପନ୍ଥା ସଂପର୍କରେ ଏହି ସର୍ଭେ ରିପୋର୍ଟରେ ବିସ୍ତୃତ ଭାବେ ସମୀକ୍ଷା କରାଯାଇଥାଏ । ଅର୍ଥମନ୍ତ୍ରୀ କେନ୍ଦ୍ରୀୟ ବଜେଟ୍ ୨୦୨୬-୨୭ ଆସନ୍ତା ରବିବାର ଫେବୃୟାରୀ ୧ ତାରିଖ ଦିନ ସଂସଦରେ ଉପସ୍ଥପନ କରିବେ । ସଂସଦର ବଜେଟ୍ ଅଧିବେଶନର ପ୍ରଥମ ପର୍ଯ୍ୟାୟ ଆସନ୍ତା ମାସ ୧୩ ତାରିଖ ପର୍ଯ୍ୟନ୍ତ ଚାଲିବା । ମାର୍ଚ୍ଚ ୯ରୁ ଏପ୍ରିଲ୍ ୨ ତାରିଖ ପର୍ଯ୍ୟନ୍ତ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ଅନୁଷ୍ଠିତ ହେବ ।

# ବିଦ୍ୟୁତ୍ ଦର-ଜନଶୁଣାଣି

ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବିଦ୍ୟୁତ୍ ଦର ଧାର୍ଯ୍ୟ ନେଇ ଭୁବନେଶ୍ୱର ଗୀତଗୋବିନ୍ଦ ଭବନ ସଦନଠାରେ ଜନଶୁଣାଣି ଆସନ୍ତା ସୋମବାର ଦିନ ଅନୁଷ୍ଠିତ ହେବ । ମଙ୍ଗଳବାର ଓ ବୁଧବାର ଦିନ ଓଡ଼ିଶା ବିଦ୍ୟୁତ୍ ଓପିଟିସିଏଲ ଓ ଟାଟା

ପାୱାର ଦରଖାସ୍ତ ଗୁଡ଼ିକ ଉପରେ ମତ ରଖିବେ। ଜନସାଧାରଣଙ୍କ ଠାରୁ ରାଜ୍ୟର ବିଭିନ୍ନ ସ୍ଥାନରେ ବିଦ୍ୟୁତ୍ ଦର ବୃଦ୍ଧି ପ୍ରସ୍ତାବ ନେଇ ଓଇଆର୍‌ସି ପକ୍ଷରୁ ଆସନ୍ତା ମାସ ୨୧ ତାରିଖ ପର୍ଯ୍ୟନ୍ତ ମତାମତ ସଂଗ୍ରହ କରାଯିବ । ବିଦ୍ୟୁତ୍ ଦର ନିର୍ଣ୍ଣୟ ପାଇଁ ଓଡ଼ିଶା ବିଦ୍ୟୁତ୍ ଆଇନ୍ ୨୦୦୩ ଅନୁସାରେ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗଙ୍କ ପକ୍ଷରୁ ଜନଶୁଣାଣି କରାଯାଉଛି ।

## ବୀମା କମ୍ପାନୀ

ବୀମା କ୍ଷେତ୍ରରେ ଦେଖାଦେଉଥିବା ବିଭିନ୍ନ ସମସ୍ୟା ଓ ସମାଧାନ ଲାଗି ଉନ୍ନୟନ କମିଶନର ଦେଓରଞ୍ଜନ କୁମାର ସିଂହ ବୀମା କମ୍ପାନୀ ଗୁଡ଼ିକୁ କହିଛନ୍ତି । ଭୁବନେଶ୍ୱରଠାରେ ଗତକାଲି ଅନୁଷ୍ଠିତ ଦ୍ୱିତୀୟ ରାଜ୍ୟସ୍ତରୀୟ ବୀମା କମିଟି ବୈଠକରେ ଯୋଗଦେଇ ଶ୍ରୀ ସିଂହ କହିଛନ୍ତି ବିଭିନ୍ନ ବୀମା ଯୋଜନାରେ ଦାବି ଦାଖଲ ଓ ଦାବି ସମାଧାନ ପ୍ରକ୍ରିୟା ସମ୍ପର୍କରେ ଜନସଚେତନତା ବୃଦ୍ଧିର ଆବଶ୍ୟକତା ରହିଛି । ଗ୍ରାହକମାନଙ୍କୁ ବୀମା କରିବା ସମୟରେ ସଠିକ୍ ତଥ୍ୟ ଦେବାପାଇଁ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା । ବୁଣାକାର ଓ କାରିଗର ମାନଙ୍କୁ ସୁଲଭ ମୂଲ୍ୟରେ ବୀମା ଯୋଗାଇଦେବା ଏବଂ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ କ୍ଷେତ୍ରରେ ବୀମା ବୃଦ୍ଧି କରିବା ଉପରେ ପ୍ରମୁଖ ବୀମା କମ୍ପାନୀ ଗୁଡ଼ିକର ଅଧିକାରୀ ମାନଙ୍କୁ ଶ୍ରୀ ସିଂହ ପରାମର୍ଶ ଦେଇଛନ୍ତି ।

## ଓଏସ୍‌ଏସ୍‌ଏସ୍‌ସି-ପଞ୍ଜିକରଣ

ଓଡ଼ିଶା ଅଧସ୍ତନ କର୍ମଚାରୀ ପ୍ରବରଣ ଆୟୋଗ ଓଏସ୍‌ଏସ୍‌ଏସ୍‌ସି ପକ୍ଷରୁ ଆର୍‌ଆଇ, ଅମିନ ଓ ଆଇସିଡିଏସ୍ ସୁପରଭାଇଜର ନିଯୁକ୍ତି ପାଇଁ ଆବେଦନ ପଞ୍ଜିକରଣ ଅବଧିକୁ ଆସନ୍ତା ଫେବୃୟାରୀ ମାସ ୧୫ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଏଥିସହିତ ଫରେଷ୍ଟର ଓ ଫରେଷ୍ଟ ଗାର୍ଡ ପଦବୀ ପାଇଁ ଆବେଦନ ପ୍ରକ୍ରିୟାର ସମୟସୀମା ବୃଦ୍ଧି କରିବା ନେଇ ଓଏସ୍‌ଏସ୍‌ଏସ୍‌ସି ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି ।

## ଧାନସଂଗ୍ରହ

ଖରିଫ ଋତୁରେ ରାଜ୍ୟରେ ଧାନସଂଗ୍ରହ ଜାରି ରହିଛି । ଚାଷୀମାନଙ୍କ ସ୍ୱାର୍ଥ ରକ୍ଷା ପାଇଁ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି । ଧାନସଂଗ୍ରହ ସମୟରେ ଅନିୟମିତତା ଅଭିଯୋଗ ଗୁଡ଼ିକର ସମାଧାନ ପାଇଁ ରାଜ୍ୟ ଖାଦ୍ୟଯୋଗାଣ ନିଗମ ପରିଷଦରେ ନିର୍ଦ୍ଦେଶ ନିୟନ୍ତ୍ରଣ ଏବଂ ଅଭିଜ୍ଞତା କେନ୍ଦ୍ର ଚାଲୁ ରହିଛି । ଏହି କେନ୍ଦ୍ରକୁ ଖାଦ୍ୟ ଯୋଗାଣ ଓ ଖାଉଟୀକଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବୁଲି ଦେଖିବା ସହ ବ୍ୟବସ୍ଥାର ସମୀକ୍ଷା କରିଛନ୍ତି ।

## ଓଡ଼ିଶା ଦର୍ଶନ କାର୍ଯ୍ୟକ୍ରମ

ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଆନୁକୂଲ୍ୟରେ ରାଜ୍ୟ ଏନ୍.ଏସ୍.ଏସ୍ ଶାଖା ପକ୍ଷରୁ ଓଡ଼ିଶା ଦର୍ଶନ କାର୍ଯ୍ୟକ୍ରମ-୨୦୨୬ ଆରମ୍ଭ ହୋଇଛି ।

ଚଳିତ ମାସ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ରାଜ୍ୟର ପ୍ରାୟ ୨୬୦ ଜଣ ଏନ୍.ଏସ୍.ଏସ୍ ସ୍ୱେଚ୍ଛାସେବା ଓଡ଼ିଶାର ବିଭିନ୍ନ ପର୍ଯ୍ୟଟନସ୍ଥଳୀ, ମନ୍ଦିର, ବେଳାଭୂମି, ଐତିହାସିକ ସ୍ଥାନ ସହିତ ରାଜ୍ୟର ପ୍ରମୁଖ ବିଶ୍ୱବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ପରିଭ୍ରମଣ କରିବେ ।

# ଗୋପାଳପୁର ବେଳାଭୂମି ମହୋତ୍ସବ

ଗୋପାଳପୁର ବେଳାଭୂମି ମହୋତ୍ସବର ଦ୍ୱିତୀୟ ସଂଧ୍ୟାରେ ରାଜସ୍ୱ ବିର୍ପ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶପୂଜାରୀ ଯୋଗଦେଇ ଭାରତୀୟ ନୌବାହିନୀ ଏବଂ ତଟରକ୍ଷୀ ବାହିନୀର ପାରଦର୍ଶିତା ପ୍ରଦର୍ଶନୀକୁ ପ୍ରଶଂସା କରିଥିଲେ । ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ପ୍ରମୁଖ ପରିଦର୍ଶନ କରିଥିଲେ । ମହୋତ୍ସବରେ ଓଡ଼ିଶୀ, ଆଦିବାସୀ ନୃତ୍ୟ, ସମ୍ବଲପୁରୀ ନୃତ୍ୟ, ବିହୁ ସମେତ ବିଭିନ୍ନ ଲୋକନୃତ୍ୟ ଅନୁଷ୍ଠିତ ହୋଇଥିଲା ।

# ଖଡ଼ିଆଳ ମହୋତ୍ସବ

ନୂଆପଡା ଜିଲ୍ଲାର ପ୍ରମୁଖ ଖଡ଼ିଆଳ ମହୋତ୍ସବ-୨୦୨୬ ପାଳନ ନେଇ ଶାନ୍ତିକମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଖଡ଼ିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ, ପୋଲିସ ଆରକ୍ଷୀ ଅଧିକ୍ଷକ ଅମୃତପାଲ ସିଂହଙ୍କ

ସମେତ ପ୍ରଶାସନିକ ଅଧିକାରୀମାନେ ମହୋତ୍ସବକୁ ଶାନ୍ତି ଶୃଙ୍ଖଳାର ସହିତ ଅନୁଷ୍ଠିତ କରାଇବା ନେଇ ଆଲୋଚନା କରିଥିଲେ ।

## ଏଟିଏମ୍ ଟଙ୍କା ଉଠାଣ

ଡିଜିଟାଲ ଏବଂ ଅନ୍‌ଲାଇନ୍ ଆର୍ଥିକ ନେଣଦେଣ କାରବାରର ଲୋକପ୍ରିୟତା ବୃଦ୍ଧି ପାଉଥିବାରୁ ନଗଦ ଟଙ୍କାର କାରବାରରେ ହ୍ରାସ ପାଇଛି ବୋଲି ଏକ ତଥ୍ୟରୁ ଜଣାପଡିଛି । ଗତ ଆର୍ଥିକ ବର୍ଷ ୨୦୨୪-୨୫ରେ ଏଟିଏମ୍ ପିଛା ଟଙ୍କା ଉଠାଣ ୧ କୋଟି ୩୦ଲକ୍ଷ ଥିଲା । ୨୦୨୫ ମସିହାରେ ଏଟିଏମ୍ ପିଛା ମାସିକ ଟଙ୍କା ଉଠାଣ ହ୍ରାସ ପାଇ ୧ କୋଟି ୨୧ଲକ୍ଷ ହୋଇଥିବା ଜଣାପଡିଛି । ବଡ ବଡ ସହର ଗୁଡ଼ିକରେ ଏଟିଏମ୍ ପିଛା ଉଠାଣ ୧ କୋଟି ୧୧ଲକ୍ଷ ଥିବା କୁହାଯାଇଛି । ମୌସୁମୀ ବର୍ଷା, ଗ୍ରୀଷ୍ମପ୍ରବାହ ଓ ପ୍ରମୁଖ ଉତ୍ସବ ସମୟରେ ଏଟିଏମ୍ ଗୁଡ଼ିକରୁ ଟଙ୍କା ଉଠାଣ ପ୍ରଭାବିତ ହୋଇଥାଏ ବୋଲି ତଥ୍ୟରୁ ଜଣାପଡିଛି ।

## ରଣଜୀ-ଓଡ଼ିଶା

ଚଳିତ ରଣଜୀ ଟ୍ରଫିର ଆଜି ଶେଷ ଲିଗ୍ ମ୍ୟାଚ୍‌ରେ ଓଡ଼ିଶା’ ଝାଡ଼ଖଣ୍ଡକୁ ଭେଟିବ । ଜାମସେଦପୁରର କିନନ ଷ୍ଟାଡିୟମରେଏହି ମ୍ୟାଚ୍ ଅନୁଷ୍ଠିତ ହେବ । ୬ଟି ମ୍ୟାଚ୍‌ରୁ ଗୋଟିଏ ବିଜୟ, ୪ଟି ପରାଜୟ ଏବଂ ଗୋଟିଏ

ଅମୀମାଂସିତ ଫଳାଫଳ ସହିତ ଓଡ଼ିଶା ୭ ପଏଣ୍ଟ ସଂଗ୍ରହ କରି ଏଲିଟ୍ ଗ୍ରୁପ୍-ଏ ତାଲିକାର ସପ୍ତମ ସ୍ଥାନରେ ରହିଛି ।